ମନ୍ଥନ
କ୍ରୀଡ଼ା ବିବିଧ ଓ ମନୋରଞ୍ଜନ
ପୃଷ୍ଠା-୮
ଗୁରୁବାର ୨୬, ଏପ୍ରିଲ ୨୦୧୮, ଭୁବନେଶ୍ୱର
Thursday, 26 April 2018, Bhubaneswar

ରେଳବାଇର ଅବ୍ୟବହୃତ ଜମି ଚିହ୍ନଟ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୫।୪: ଭାରତୀୟ ରେଳବାଇର ଅଧିନରେ ପଡ଼ିରହିଥିବା ତଥା ଅବ୍ୟହୃତରେ ହଉଥିବା ପ୍ରାୟ ୧୨,୦୦୦ ଏକର ଅତିରିକ୍ତ ଭୂମି ଚିହ୍ନଟ କରାଯାଇ ଏହାକୁ ବିଭିନ୍ନ ରାଜ୍ୟର ସରକାରମାନଙ୍କୁ ପ୍ରଦାନ କରିବା ପାଇଁ ନିଷ୍ପତି ନିଆଯାଇଛି। ଏହା କେନ୍ଦ୍ରସରକାରଙ୍କ ସବୁଠାରୁ ବଡ଼ ପଦକ୍ଷେପ ବୋଲି ଜଣାଯାଏ। ଭାରତୀୟ ରେଳ ପକ୍ଷରୁଏହା ସମ୍ବନ୍ଧରେ ବିଭିନ୍ନ ରାଜ୍ୟ ସରକାରଙ୍କୁ ଲିଖିତ ଆକାରରେ ଜଣାଇ ଦିଆଯାଇ ଭାରତ ସରକାରଙ୍କ ସାଧାରଣବିତ୍ତ ନିୟମ (ଜିଏଫ୍ଆର୍) ର ଅନୁଯାୟୀ ଭୂମିପ୍ୟାଚ ସ୍ଥାନାନ୍ତରିତ କରିବା

ପାଇଁକୁହାଯାଇଛି।

ଏହିଭୂମିଗୁଡ଼ିକ ବର୍ତ୍ତମାନ ଭାରତୀୟ ରେଳବିଭାଗର ଅତିରିକ୍ତ ଓ ଅଦରକାରି ଭାବେ ପଡ଼ିରହିଛି।ଏହାମଧ୍ୟରୁ କେତେ ଜମି ୧୯୦୦ ମସିହା ପୂର୍ବରୁ ଭାରତୀୟ ରେଳ ବିଭାଗ ଅଧିନରେ ରହିଛି। ରେଳୱେବୋର୍ଡ଼ର ସଦସ୍ୟ (ଇଞ୍ଜିନିୟରିଂ) ଏମ୍କେ ଗୁପ୍ତା ନିକଟରେ ୧୩ଟି ରାଜ୍ୟ ର ମୁଖ୍ୟ ସଚିବଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି ଯେ, ସେମାନେ ଏହିଭୂମି ପାର୍ସଲର ନିଜର ଆବଶ୍ୟକତାକୁ ଦର୍ଶାଇବେ। ଏହିଜମିଗୁଡ଼ିକ ମଧ୍ୟରୁ ଅଧିକାଂଶ ଭୂମି ପାର୍ସଲ ରେଳଧାରଣାଠାରୁ ଦୂରରେ ରହିଛି। ଏହାମଧ୍ୟରୁ ଅଧିକାଂଶଭୂମି ପ୍ୟାଚ୍ ଯାହାକି ଉକ୍ତ ସମୟରେ ମିଟର ଗଜ୍‌ଲାଇନ ଉପରେ ଅବସ୍ଥିତ। ଏହାମଧ୍ୟରୁ କିଛି କ୍ଷେତ୍ରଗୁଡ଼ିକରେ ଖାଦାନ ସାଇଡିଂ, ଲୁଣସାଇଡିଂ ଅଥବା ପୁରାତନ ଷ୍ଟେସନ / ରେଳସେକ୍ସନ ରହିଥିଲା ଯାହାକୁ ପରବର୍ତ୍ତୀ ସମୟରେ ବନ୍ଦ କରି ଦିଆଯାଇଥିଲା।

ଭୂମି ପାର୍ସଲକୁ ରାଜ୍ୟ, ରାଜ୍ୟସ୍ତରୀୟମୂଲ୍ୟରେ ଅଥବା ରାଜ୍ୟସରକାର ଭୂମି ସହିତ ଜମିର ଆଦାନ-ପ୍ରଦାନ ଉପରେ ଆଧାର କରି ରାଜ୍ୟକୁ ପ୍ରଦାନ କରାଯାଇଛି ଯାହା ରେଳୱେ ପାଇଁ ନ୍ୟାୟସଙ୍ଗତ ଭାବେ ଉପଯୋଗୀ ହୋଇପାରିବ। ୫୦.୮୭ ହେକ୍ଟରଅଥବା ପ୍ରାୟ ୧୨୫ ଏକର ଭୂମି ଓଡ଼ିଶା ସରକାରଙ୍କୁ ଫେରସ୍ତ କରାଯିବାକୁ କୁହାଯାଇଅଛି।ଏହିଭୂମି ପୂର୍ବ ତଟ ରେଳପଥ ଅଧିନରେହିରାକୁଦର ଅତି ନିକଟରେ ରହିଛି ଏବଂଏହା ୧୯୦୬ ମସିହାରେ ହୀରାକୁଦ ବନ୍ଧ ନିର୍ମାଣ ନିମନ୍ତେ ଥିବା ସାମଗ୍ରୀର ଆବଶ୍ୟକତା ପାଇଁ ରେଳୱେର ସାହାଯ୍ୟ ନିଆଯାଉ। ଏକ ଭିନ୍ନ ପ୍ରଶାସକ ଭାବେ ଜଣାଶୁଣା ବର୍ତ୍ତମାନର ରେଳମନ୍ତ୍ରୀ ପିୟୁଷଗୋଏଲ୍ ସର୍ବଦା ସମ୍ବଳ ଓ ନିଷ୍କ୍ରିୟତା ବିପକ୍ଷରେ କାର୍ଯ୍ୟ କରିଥାଆନ୍ତି ଯାହାକି ରେଳବାଇ ଭଳି ଏକ ବିଶାଳଭୂମି ପାର୍ସଲଉପରେବର୍ଯ୍ୟବେକ୍ଷିତଲାଭକାରୀସଂଗଠନ ହୋଇପାରିବ।ଏଥିପାଇଁ ସେ ରେଳବାଇର ଅଧିକାରୀମାନଙ୍କୁ ନିୟୋଜନ କରି ରାଜ୍ୟ ସରକାରମାନଙ୍କୁ ହସ୍ତାନ୍ତର କରିବାକୁକହିଛନ୍ତି।

ଜାତୀୟ ସମ୍ବଳଗୁଡ଼ିକ ନିଷ୍କ୍ରିୟଏବଂ ଅବ୍ୟବହୃତହୋଇପଡ଼ିରହିଛ। ଏହାକୁ ବାସ୍ତବ ଏବଂ ଉତ୍ପାଦକ ଉଦ୍ଦେଶ୍ୟରେ ଉପଯୋଗ କରାଯାଇ ପାରିବ। ଯେଉଁ ପର୍ଯ୍ୟନ୍ତ ସମ୍ବନ୍ଧ ରହିଛି, ତାହାକୁଶୀର୍ଷ ପ୍ରାଥମିକତା ଦେବାଜରୁରୀ ଅଟେ। ଓଡ଼ିଶା ସମେତ ୧୩ଟି ରାଜ୍ୟ ଯଥା ଆସାମ, କର୍ଣ୍ଣାଟକ, ଗୁଜରାଟ, ତାମିଲନାଡୁ, ଛତିଶଗଡ଼, ଉତରପ୍ରଦେଶ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଝାରଖଣ୍ଡ, ପଞ୍ଜାବ, ରାଜସ୍ଥାନ, ମହାରାଷ୍ଟ୍ରରାଜ୍ୟମାନଙ୍କୁଏହି ସମ୍ବନ୍ଧରେ ଚିଠିମାଧ୍ୟମରେରେଳବାଇ ଦ୍ୱାରା ଅବଗତକରାଯାଇଅଛି।

ଚଳନ୍ତା ବସ୍‌ରେ ଅସଦାଚରଣ

ଭୁବନେଶ୍ୱର, ୨୫।୪(ନି.ପ୍ର.): ଭୁବନେଶ୍ୱରରେ ଚଳନ୍ତା ସିଟି ବସରେ ଜଣେ ଯୁବତୀଙ୍କୁ ଅସଦାଚରଣ ହୋଇଥିବା ଅଭିଯୋଗ ହୋଇଛି। ଏଭଳି ଏକ ଘଟଣା ସମ୍ପର୍କିତ ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ତାହା ଚର୍ଚ୍ଚାର ବିଷୟ ହୋଇଛି। ଅସଦାଚରଣର ଶିକାର ହୋଇଥିବା ଯୁବତୀ ଜଣେ ଯୁବକଙ୍କୁ ଚପଲରେ ମାଡ ମାରୁଥିବା ଭିଡିଓରେ ଦେଖାଯାଉଛି। ସ୍ଥାନୀୟ ଖଣ୍ଡଗିରି ଅଞ୍ଚଳରେ ଏପରି ଘଟଣା ଘଟିଥିବା କୁହାଯାଉଛି।

ଯୁବକଙ୍କୁ ଯୁବତୀଙ୍କ ଚପଲମାଡ଼

ଭାଇରାଲ ଭିଡିଓର ଦୃଶ୍ୟାନୁସାରେ,ବସର ପଛ ସିଟରେ ବସିଥିବା ଜଣେ ଯୁବତୀ ତାଙ୍କ ପାଖରେ ବସିଥିବା ଯାତ୍ରୀ ତାଙ୍କୁ ଅସଦାଚରଣ କରିଥିବା କହୁଛନ୍ତି। ମାତ୍ର ଯୁବକ ଜଣକ ଏହାକୁ ପ୍ରତ୍ୟାଖାନ କରି ମୋବାଇଲ କାଢୁଥିବା ବେଳେ ଦେହରେ ବାଜି ଯାଇଥିବା କହୁଛନ୍ତି। ଏହାକୁ ନେଇ ଯୁବକ ଓ ଯୁବକଙ୍କ ମଧ୍ୟରେ ଯୁକ୍ତିତର୍କ ହେଉଛ। ପରେ ଉତକ୍ଷିପ୍ତ ଯୁବତୀ ଜଣଙ୍କ ଯୁବକଙ୍କୁ ଚପଲରେ ମାଡ ମାରୁଛନ୍ତି। ଏ ନେଇ ଯୁବତୀ ଜଣଙ୍କ ଥାନାରେ ଏତଲା ଦେଇଥିବା ବେଳେ ପୋଲିସ ତଦନ୍ତ ପ୍ରକ୍ରିୟା ଜାରି ରଖିଛି। କିଛି ମାସ ତଳେ କଟକ-ଭୁବନେଶ୍ୱର ସିଟି ଜଣେ ଯୁବତୀ ମଧ୍ୟ ଏପରି ଅସଦାଚରଣର ଶିକାର ହୋଇଥିଲେ। ଏହି ଘଟଣା ପରେ ମହିଳା ଯାତ୍ରୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଟ୍ରକ-ଟ୍ରକ୍ ଧକ୍କାରେ ଜଣେ ମୃତ

ଆଠଗଡ଼, ୨୫।୪: ଚୌଦ୍ୱାର ଥାନା ଅଂଚଳ ୫୫ ନମ୍ବର ଜାତୀୟ ରାଜପଥରେ ପଖାଳ ଢାବା ନିକଟରେ ଟ୍ରକକୁ ଧକ୍କା ଦେଇଛି ଯାତ୍ରୀବାହୀ ବସ। ସୋନପୁରରୁ କଟକ ଯାଉଥିବା ଯାତ୍ରୀବାହୀ ବସ ଟ୍ରକକୁ ପଛରୁ ପିଟିଛି। ଦୁର୍ଘଟଣାରେ ହେଲପର ପ୍ରାଣ ହରାଇଥିବାବେଳ ୧୦ଜଣ ଆହତ ହୋଇଛନ୍ତି। ଆହତଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ବସଟି ଭୋର ଭୋରରୁ ଚୌଦ୍ୱାର ଥାନା ଅନ୍ତର୍ଗତ ଅଂଚଳ ୫୫ ନମ୍ବର ଜାତୀୟ ରାଜପଥରେ ପଖାଳ ଢାବା ନିକଟରେ ଏକ ଟ୍ରକକୁ ଓଭରଟେକ୍ କରୁଥିବା ବେଳେ ସାମାନ ପଟୁ ଆଉ ଏକ ଟ୍ରକ ଆସିଯାଇଥିଲା।

ସଡ଼କ ସଚେତନତା ରାଲି

ଦେବଗଡ଼, ୨୫।୪(ନି.ପ୍ର.): ସ୍ଥାନୀୟ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଏକ ସଚେତନତା ର୍‍ୟାଲି ସହର ପରିକ୍ରମା କରିଥିଲା। ଜିଲ୍ଲାପାଳ ପୂର୍ଣ୍ଣଚନ୍ଦ୍ର ପାଠୀ ଏବଂ ଆରକ୍ଷୀ ଅଧିକ୍ଷକ ଅନୁପମା ଜେମ୍ସ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ଏଥିରେ ରାଜା ବାସୁଦେବ ଉଚ୍ଚବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍ ଓ ଛାତ୍ରମାନେ ଭାଗ ନେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନଙ୍କୁ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଶପଥ ପାଠ କରାଇଥିଲେ। ରାଲିରେ ଛାତ୍ରଛାତ୍ରୀମାନେ ହେଲମେଟ୍ ଓ ସିଟ୍ ବେଲ୍ଟ ବ୍ୟବହାର ସହ ଟ୍ରାଫିକ ନିୟମ ପାଳନ କରି ଗାଡ଼ି ଚଳାଇବାକୁ ଲୋକଙ୍କୁ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରମୋଦ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଜୟ କୁମାର ମିଶ୍ର ଓ ଆଇଆଇସି ଅଜୟ କୁମାର ତିର୍କୀ, ରାଜା ବାସୁଦେବ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ପ୍ରଧାନଙ୍କ ସମେତ ପୋଲିସ ପ୍ରଶାସନ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

ସୁବର୍ଣ୍ଣ ଜୟନ୍ତୀ ନାମରେ ଛାତ୍ରଛାତ୍ରୀଙ୍କଠାରୁ ଚାନ୍ଦା ଆଦାୟ

ଦେବଗଡ଼, ୨୫।୪(ନି.ପ୍ର.): ଦେବଗଡ଼ କଲେଜରେ ଛାତ୍ରଛାତ୍ରୀଙ୍କଠାରୁ କଲେଜ ସୁବର୍ଣ୍ଣ ଜୟନ୍ତୀ ନାମରେ ଚାନ୍ଦା ଆଦାୟ କରାଯାଉଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ କଲେଜ ପରିସରରେ ଉତ୍ତେଜନା ପ୍ରକାଶ ପାଥିଲା। କଲେଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଗତ ଜାନୁଆରୀ ୧୨ ରୁ ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହୋଇଥିଲା। ହେଲେ କଲେଜ ପକ୍ଷରୁ ବର୍ତ୍ତମାନ ସୁବର୍ଣ୍ଣ ଜୟନ୍ତ ନାମରେ ଛାତ୍ରଛାତ୍ରୀଙ୍କଠାରୁ ଚାନ୍ଦା ଆଦାୟ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ କଲେଜ ଅଧକ୍ଷା ସୁକାନ୍ତି ଗଡ଼ତିଆଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ମୋବାଇଲ୍ ଫୋନ୍ ରିସିଭ ନ କରିବାରୁ ମତାମତ ମିଳିପାରିନାହିଁ। ଅନ୍ୟପକ୍ଷେ ଉକ୍ତ ଘଟଣା ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ପାରାଦୀପ ପୁସ୍ତକ ମେଳା ଉଦଯାପିତ

ପାରାଦୀପ, ୨୫।୪(ନି.ପ୍ର.): ସ୍ଥାନୀୟ ଜୟଦେବ ସଦନଠାରେ ପାରାଦୀପ ପୁସ୍ତକମେଳା ୨୦୧୮ର ଉଦଯାପନୀ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଯୋଗ ଦେଇ ନିଜ ଅଭିଭାଷଣରେ ପାରାଦୀପରେ କୌଣସି କଥାକୁ ଜଦି ଅନୁଧ୍ୟାନ କରାଯାଏ ଏବଂ ଆଜିର ପୁସ୍ତକ ମେଳାକୁ ନେଇ ପ୍ରତ୍ୟକ କ୍ଷେତ୍ରରେ ବିଜୁବାବୁଙ୍କୁ ଛାଡି କୌଣସି କଥାକୁ ଚିନ୍ତା କରାଯାଇ ନାହିଁ କିମ୍ବା କରାଯାଇ ପାରିବ ନାହିଁ। ଦୀର୍ଘ ୮ବର୍ଷ ଧରି ବିଜୁବାବୁଙ୍କ ଶ୍ରାଦ୍ଧୋଉତ୍ସବରୁ ଏହି ପୁସ୍ତକ ମେଳା ଆୟୋଜନ ହୋଇଆସୁଛି। ଏପରିକି ସମଗ୍ର ପୃଥିବୀରେ ଯେଉଁଠି ଓଡିଆ ଜନସାଧାରଣ ଏବଂ ବିଜୁପ୍ରେମୀ ମାନେ ଅଛନ୍ତି ସେମାନେ ବିଜୁବାବୁଙ୍କ ଜୟନ୍ତୀ ପାଳନ ସହିତ ତାଙ୍କର ଶ୍ରଦ୍ଧୋଉତ୍ସବ ଭିନ୍ନ ଭିନ୍ନ ଢଙ୍ଗରେ ପାଳନ କରୁଛନ୍ତି। ଯେଉଁ ମାନେ ରାଜନୈତିକ ବ୍ୟକ୍ତି ଅଛନ୍ତି ସମସ୍ତେ ଚାହାଁନ୍ତି ସମାଜର ପରିବର୍ତ୍ତନ ସହ ଉନ୍ନତିର ବିକାଶ ଓ ଦାରିଦ୍ର୍ୟ ଦୂରିକରଣ ହେଉ। ପ୍ରବାଦ ପୁରୁଷ ବିଜୁପଟ୍ଟନାୟକ ଏସବୁ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନେଇଥିବାରୁ ଓଡିଶାରେ ତାଙ୍କୁ ଓଡିଶାର ବିଶ୍ୱକର୍ମା ବୋଲି କୁହାଯାଉଛି। ଶିକ୍ଷାର ବିକାଶ ହୋଇପାରିଲେ ସମାଜର ବିକାଶ ଓ ଜ୍ଞାନର ଆଲୋକିତ ହୋଇପାରିବା ସହ ସମାଜର ପରିବର୍ତ୍ତନ ହୋଇପାରିବ। ଅଧିକରୁ ଅଧିକ ପୁସ୍ତକ ପାଠ କଲେ ଜ୍ଞାନ ବଢିଥାଏ।

ମୁଖ୍ୟବକ୍ତା ଭାବେ ବିଜୁମେମୋରିୟାଲ ଟ୍ରଷ୍ଟର ଅଧକ୍ଷ ତଥା ପାରାଦୀପ ବିଧାୟକ ଡ. ଦାମରାଉତ କହିଥିଲେ ୧୯୩୫ ମସିହାରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ହୋଇନଥିଲା। ବ୍ରିଟିସ ଅଧିନରେ ଆମେ ଥିଲାବେଳେ ବ୍ରିଟିସ୍ ସରକାର ଗୋଟିଏ ବିଶେଷଜ୍ଞ ଦଳ ଓଡିଶାକୁ ପଠାଇଥିଲେ। ତାଙ୍କୁ ୨ଟି ଦାୟିତ୍ୱ ଦିଆଯାଇଥିଲା। କଣ୍ଟକ ପାହାଡରୁ ବାହାରିଥିବା ମହାନଦୀ ବଙ୍ଗୋପସାଗରରେ ମିଶିଛି। ଏହି ମହାନଦୀର ସ୍ରୋତକୁ କୋଉଯାଗାରେ ଅଟକାଇ ଗୋଟିଏ ଆନିକଟ ନିର୍ମାଣ କଲେ ସେଥିରୁ ବିଜୁଳି ଶକ୍ତି ଉତ୍ପାଦନ ହେବା ସହ ଦେଶର ବିକାଶରେ ଲାଗିପାରିବ ଏବଂ ତଳମୁଣ୍ଡରେ ଜଳକୁ ନିୟନ୍ତ୍ରଣ କରି ଜଳସେଚନ ହୋଇପାରିବ।

ସମ୍ମାନିତ ଅତିଥିଭାବେ ପାରାଦୀପ ବନ୍ଦରର ଉପସଂରକ୍ଷକ କ୍ୟାପଟେନ୍ ଅତୁଲ୍ୟ ମହାପାତ୍ର କହିଥିଲେ ପୁସ୍ତକମେଳା ହେଉଛି ବିଭିନ୍ନ ପୁସ୍ତକର ସମାବେଶ। ଏହା ସାହିତ୍ୟ, ସଂସ୍କୃତି, ଧର୍ମ, କଳା, ବିଜ୍ଞାନ, ଗଳ୍ପ, ନାଟକ, ଭାଷା କୋଷ ଓ ପୁନଃ କୋଷ। ଏହା ବ୍ୟତିତ ଜ୍ଞାନ ପିପାସୁ ମାନଙ୍କର ଜ୍ଞାନ ଜିଜ୍ଞାସୁ ଗୁଣିମାନଙ୍କର ଏହେଉଛି ତିର୍ଥ ସ୍ଥଳୀ ପୁସ୍ତକ ଅଧ୍ୟୟନ ଏବଂ ଅଧ୍ୟାପନ ଏଦୁଇଟି କ୍ରିୟା ଅଂଗାଙ୍ଗି ଭାବେ ଜଡିତ। ଅଧ୍ୟୟନ ଜ୍ଞାନ ପ୍ରାପ୍ତି ଉଦେଶ୍ୟରେ ହୋଇଥିଲା ବେଳେ ଅଧ୍ୟାପନ ଜ୍ଞାନ ବିତରଣ ପାଇଁ ହୋଇଥାଏ। ଏହି ୨ଟି କ୍ରିୟାକୁ ଗତିଶୀଳ କରିବା ପାଇଁ ପୁସ୍ତକର ଆବଶ୍ୟକତା ରହିଛି। ତାଳ ପତ୍ର ପୋଥିରେ ପ୍ରଥମେ ଲେଖା ଆରମ୍ଭ ହୋଇଥିଲା। ପଢିଲେ ଜ୍ଞାନ ଆହାରଣ ହୋଇଥାଏ। ଜ୍ଞାନ ଆହାରଣ କଲେ ଜ୍ଞାନି ହୋଇପାରିବ।

ସଭାରେ ସଭାପତିତ୍ୱ କରିଥିଲେ। ବିଜୁପଟ୍ଟନାୟକ ମେମୋରିୟାଲ ଟ୍ରଷ୍ଟର କାର୍ଯ୍ୟକାରି ସଭାପତି ସୁମନ୍ତ ବିଶ୍ୱାଳ ସଭାପତିତ୍ୱ କରିଥିବାବେଳେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପୌରାଧକ୍ଷ ବସନ୍ତ ବିଶ୍ୱାଳ ପ୍ରଦାନ କରିଥିଲେ। ପୌରଉପାଧକ୍ଷା ପ୍ରାଭାତୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଶେଷରେ ମୁଖ୍ୟ ଅତିଥିଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ପାରାଦ୍ୱୀପ ପୁସ୍ତକ ମେଳା-୨୦୧୮
Paradeep Book Fair-2018

କାର ଓଲଟି ଦମ୍ପତି ମୃତ

ଆନନ୍ଦପୁର/ ଠାକୁରମୁଣ୍ଡା, ୨୫।୪(ନି.ପ୍ର.): ଝାଡ଼ଖଣ୍ଡର ଟାଟାରୁ ଢେଙ୍କାନାଳ ଆସୁଥିବା ବେଳେ ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଗୋଡ଼ଭଙ୍ଗା ଘାଟିର ନାକଝରି ନାଳ ନିକଟରେଏକ କାର ଭାରସାମ୍ୟ ହରାଇ ଘାଟିତଳକୁ ଖସିପଡ଼ିଛି। ଫଳରେ ଘଟଣାସ୍ଥଳରେ ବାପାମାଆଙ୍କର ମୃତ୍ୟୁ ଘଟିଥିବା ବେଳେ କାରରେ ଥିବା ସେମାନଙ୍କ ପୁଅ ଗୁରୁତର ଭାବେ ଆହତ ହୋଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ,ଢେଙ୍କାନାଳ ମାର୍ଥାପୁର ଗାଁର ଦେବଦତ୍ତ ମିଶ୍ର, ତାଙ୍କ ପତ୍ନୀ ପୂର୍ଣ୍ଣଶଶୀ ମିଶ୍ର ଏକ କାର ଯୋଗେ ପୁଅ ସହିତ ଟାଟାରୁ କରଞ୍ଜିଆ। ଠାକୁରମୁଣ୍ଡା ଦେଇ ଫେରୁଥିବା ବେଳେ ଦିନ ପ୍ରାୟ ୧୧ଟା ବେଳେ କାରଟି ଠାକୁରମୁଣ୍ଡା ଠାରୁ ପ୍ରାୟ ୨୦ କିଲୋମିଟର ଦୂର ନାକଝରି ନାଳ ନିକଟରେ ଓଲଟି ପଡ଼ିଥିଲା। କାରକୁ ଦେବଦତ୍ତ ମିଶ୍ରଙ୍କ ପୁଅ ଚଳାଉଥିଲେ। ଏହି ଦୁର୍ଘଟଣାରେ ଦେବଦତ୍ତ ମିଶ୍ର ଓ ପୂର୍ଣ୍ଣଶଶୀ ମିଶ୍ରଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସେମାନଙ୍କ ପୁଅ ଆହତ ହୋଇଥିଷଲୟ ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତାହତ ମାନଙ୍କୁ ଉଦ୍ଧାର କରିଥିଳାୟ ମୃତ ଶ୍ରୀ ମିଶ୍ର ଓ ତାଙ୍କ ପତ୍ନୀଙ୍କ ମୃତଦେହ କେନ୍ଦୁଝର ଜିଲ୍ଲା ଆନନଦପୁର ଡାକ୍ତରଖାନାରେ ରଖାଯାଇଛି।

ତାଳମେଳ ରହୁନି

ଭୁବନେଶ୍ୱର, ୨୫।୪: ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ରାଜ୍ୟ ସରକାର ଆଗୁଆ। ଖରାଛୁଟି ଘୋଷଣା କରିଛନ୍ତି। ଆଜି ଠାରୁ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ବନ୍ଦ ରଖିବାକୁ ସରକାର ନିଷ୍ପତି ନେଇଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ କୁହାଯାଇଛି। ଅପରପକ୍ଷରେ ବୁଧବାର ସକାଳୁ ରାଜ୍ୟର ପ୍ରାୟ ସ୍କୁଲ ଖୋଲାଯିବାର ଦେଖାଦେଇଛି। ସ୍କୁଲକୁ ମୁଖ୍ୟମନ୍ତ୍ରୀ ବିଭଗୀୟ ଦପ୍ତରରୁ ବା ସରକାରୀ ଭାବେ ଚିଠି ନଆସିଥିବାରୁ ସ୍କୁଲ ଗୁଡିକ ଖୋଲାଯାଇଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି।

ଗତକାଲି ଗଣମାଧ୍ୟମରେ ଖରାଛୁଟି ଘୋଷଣା କରିଥିଲେ ମଧ୍ୟ ଛାତ୍ରଛାତ୍ରୀଙ୍କ ଅଭିଭାବକ ଦ୍ୱନ୍ଦରେ ଥିଲେ। ଆଜି ସ୍କୁଲର କର୍ତ୍ତୃପକ୍ଷଙ୍କୁ ପଚରିବା ପରେ ଆଜି ସ୍କୁଲ ଖୋଲା ବୋଲି ସେମାନେ ଜାଣିବାକୁ ପାଇଥିଲେ। ଏହି କାରଣକୁ ଅଭିଭାବକଙ୍କ ମନରେ ଅସନ୍ତୋଷ ଜାତ ହୋଇଛିୟ ତେବେ ଆଜି ସ୍କୁଲ ଖୋଲାଯାଇ ଆସନ୍ତାକାଲି ଠାରୁ ଛୁଟି ଦିଆଯିବ ବୋଲି ଜଣାପଡ଼ିଛି।

ଖରାଛୁଟି ଘୋଷଣା

ଚଳିତବର୍ଷ ମେ' ୪ରୁ ଖରାଛୁଟି ଘୋଷଣା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଖରାର ତାପମାତ୍ରା ବୃଦ୍ଧି ଯୋଗୁଁ ସରକାର ଆଗୁଆ। ଖରାଛୁଟି ଘୋଷଣା କରିଛନ୍ତି। ଫଳରେ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଓ ଶିକ୍ଷୟତ୍ରିଙ୍କୁ ମଧ୍ୟ ଆଶ୍ୱସ୍ତି ମିଳିଛି। ଆସନ୍ତା ଜୁନ ୧୮ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରହିବା ନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଜେଲରୁ ବାହାରିଲେ ରାଜା

ଭୁବନେଶ୍ୱର, ୨୫।୪(ନି.ପ୍ର.): ଜେଲରୁ ମୁକୁଳିଛନ୍ତି ଗ୍ୟାଙ୍ଗଷ୍ଟର ରାଜା ଆର୍ଯ୍ୟ। ଦୀର୍ଘ ୧୦ ବର୍ଷ ଧରି କଏଦୀ ଜୀବନ କାଟିବା ପରେ ବୁଧବାର ସକାଳୁ ଭୁବନେଶ୍ୱର ସ୍ଥିତ ଝାରପଡା ଜେଲରୁ ବାହାରିଛନ୍ତି ରାଜା। ୨୦୦୮ରୁ ବିଭିନ୍ନ ମାମଲାରେ ଛନ୍ଦି ହୋଇ ରାଜା ଜେଲରେ ଥିଲେ।

ଗତ ୨୦ ତାରିଖରେ ଜ୍ୟୋତି ମୋଟର୍ସ କର୍ମଚାରୀ ଅପହରଣ ମାମଲାରେ ରାଜାଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଥିଲା। ୫୦ହଜାର ଟଙ୍କା ଏବଂ ୨ଟି ଜାମିନଦାର ବଳରେ ତାଙ୍କୁ ଏହି ଜାମିନ ମିଳିଥିଲା। ଏହା ବ୍ୟତିତ ପ୍ରତି ସପ୍ତାହରେ ଲିଙ୍ଗରାଜ ମନ୍ଦିର ଥାନାରେ ହାଜିରା ଦେବାକୁ ତାଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ରାଜାଙ୍କୁ ଜାମିନ ନଦେବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯିବ ବୋଲି କୁହାଯାଉଥିଲା।ପ୍ରକାଶ ଯେ, ବହୁ ଚର୍ଚ୍ଚିତ ଜୁଡୋ କୋଚ୍ ବିରଞ୍ଚି ଦାସ ହତ୍ୟା ମାମଲାରେ ୨୦୦୮ ମେ ୨୮ରେ ଗ୍ୟାଙ୍ଗଷ୍ଟାର ରାଜାକୁ ଗୋଆରୁ ପୋଲିସ ଗିରଫ କରିଥିଲା। ଅଭିଯୁକ୍ତ ରାଜା ଆର୍ଯ୍ୟ ଜେଲରୁ ମୁକୁଳିଲେ ବିରଞ୍ଚିଙ୍କ ପତ୍ନୀ ଗୀତାଞ୍ଜଳୀ ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ସୁରକ୍ଷା ଦାବି କରିଛନ୍ତି। ରାଜା ଜେଲ ମୁକୁଳିବା କାରଣରୁ ଯେଉଁମାନେ ସୁରକ୍ଷା ଲୋଡୁଛନ୍ତି ସେମାନଙ୍କୁ ସୁରକ୍ଷା ଦିଆଯିବ ବୋଲି ମଧ୍ୟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ପାରାଦୀପ ବନ୍ଦରର ଉନ୍ନତିକରଣ, ସଂପ୍ରସାରଣ
ବସିଲା ମିଳିତ ୱାର୍ଡ ସଭା

ପାରାଦୀପ, ୨୫।୪(ନି.ପ୍ର.): ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ଅଧକ୍ଷତାରେ ଆଜି ପୂର୍ବାହ୍ନରେ ସ୍ଥାନୀୟ ଅଫିସର୍ସ କ୍ଲବଠାରେ ପାରାଦୀପ ବନ୍ଦର ନ୍ୟାସ ପୋତଶ୍ରୟ ଉନ୍ନତିକରଣ ଓ ଲଙ୍ଗର ଯାନ୍ତ୍ରୀକ କରଣ ଇତ୍ୟାଦି ସଂମ୍ପର୍କରେ ଏକ ମିଳିତ ୱାର୍ଡ ସଭା ଅନୁଷ୍ଠିତ ହୋଇଥିଲା। ଏଠାରେ ପ୍ରକାଶ ଥାଉକି ପାରାଦୀପ ବନ୍ଦର ଜମିର କିସମ ପରିବର୍ତ୍ତନ ପାଇଁ ବନ୍ଦର କର୍ତ୍ତୃପକ୍ଷ ଜଗତସିଂହପୁର ଜିଲ୍ଲାପାଳଙ୍କ ନିକଟରେ ଆବେଦନ କରିଥିଲେ। ଏଥିରେ ଜିଲ୍ଲାପାଳ ଜଙ୍ଗଲ ଅଧିକାର ଆଇନ-୨୦୦୬ ଅନୁଯାଇ ଏକ ଗ୍ରାମ ବା ୱାର୍ଡ ସଭା କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆଜି ପାରାଦୀପ ବନ୍ଦର ନ୍ୟାସ ପାରାଦୀପ ପୌରପରିଷଦ ସହାୟତାରେ ଏହି ସଭାର ଆୟୋଜନ କରିଥିଲେ। ଏହି ସଭାରେ ପୌରାଞ୍ଚଳରେ ଥିବା ସମସ୍ତ ୧୯ଗୋଟି ୱାର୍ଡର ଜନ ପ୍ରତିନିଧିମାନେ ଯୋଗଦେଇଥିଲେ। ଏଥିରେ ସେମାନେ ବନ୍ଦରର ପ୍ରଗତି ଓ ସମ୍ପ୍ରସାରଣକୁ ସମର୍ଥନ କରିଥିବା ବେଳେ ସମସ୍ତ ୱାର୍ଡରେ ବସବାସ କରୁଥିବା ବସ୍ତିବାସିନ୍ଦାଙ୍କ ମୌଳିକ ସୁବିଧାପ୍ରତି ଦୃଷ୍ଟି ଦେବାକୁ ବନ୍ଦର କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲେ। ଆଜିର ଏହି ସଭାରେ ପୌରାଧକ୍ଷ ଶ୍ରୀ ବିଶ୍ୱାଳଙ୍କ ବ୍ୟତିତ ବନ୍ଦର ମୁଖ୍ୟ ଯନ୍ତ୍ରୀ କେ. ରାମଚନ୍ଦ୍ର ରାଓ, ପୌର ଉପାଧକ୍ଷା ପ୍ରଭାତୀ ନାୟକ, ପରିବେଶ ପରାମର୍ଶଦାତା ଜିତାଶତ୍ରୁ ମହାନ୍ତି, ପୌରପାଳିକା ନିର୍ବାହୀ ଅଧିକାରୀ ଦିଲ୍ଲିପ କୁମାର ମହାନ୍ତି, ପାରିଷଦ ମନୋଜ ବେହେରା ଓ କେ କାମୁଲା ରାଓ ବ୍ୟତିତ ବନ୍ଦର ଓ ପୌର ପରିଷଦର ବହୁ ପଦସ୍ଥ ଅଧିକାରୀ ଉପସ୍ତିତ ଥିଲେ। ତେବେ ଦୀର୍ଘଦିନରୁ ବନ୍ଦର ଓ ପୌରପରିଷଦ ମଧ୍ୟରେ ଥିବା ଜମିଜମା ବିବାଦ ଲାଗିରହିଥିବାବେଳେ ଆଜିର ଏହି ମିଳିତ ସଭାର ସୁଫଳ ଯୋଜନା ଦ୍ୱାରା ନଗର ବାସୀ ବିଶେଷ ଉପକୃତ ହେବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା।

ରାଷ୍ଟ୍ରୀୟ ଅଗ୍ନିସମନ ସେବା ସପ୍ତାହ ପାଳିତ

"Fire Loss is National Loss- Let us adopt Fire Safety Measures"
CISF UNIT, IOCL, PARADIP
इंडियनऑयल

ପାରାଦୀପ, ୨୫।୪(ନି.ପ୍ର.): ରାଷ୍ଟ୍ରୀୟ ଅଗ୍ନିସମନ ସେବା ସପ୍ତାହ-୨୦୧୮ର ସମାପନ ସମାରୋହ ପାରାଦୀପ ରିଫାଇନାରୀର ପ୍ରଶାସନିକ ଭବନଠାରେ ପାଳନ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଗୌରୀ ଶଙ୍କର ସିଂ, କାର୍ଯ୍ୟକାରୀ ନିର୍ଦ୍ଦେଶକ (ପ୍ରଭାରୀ), ପାରାଦୀପ ରିଫାଇନାରୀ ଯୋଗଦେଇଥିଲେ। ଟିଡି ଏସ୍ ଗୋକାଳକ୍ରିଷ୍ଣନନ (କାର୍ଯ୍ୟକାରୀ କମାଣ୍ଡାଣ୍ଟ), ସନ୍ତୋଷ କୁମାର ଏସ୍ (ଡେପୁଟି କମାଣ୍ଡାଣ୍ଟ/ଫାୟାର), ଏସ୍ ବି ମିଶ୍ର (ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ/ ଆଡମିନ୍), ସିଆଇଏସଏଫ୍ ଏବଂ ଆଇଓସିଏଲ୍‌ର ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ଗୌରୀ ଶଙ୍କର ସିଂ କହିଥିଲେ ଯେ, ଆପତକାଳନୀ ପରିସ୍ଥିତିର ମୁକାବିଲାରେ ସିଆଇଏସଏଫ୍ ଫାୟାର ୱିଙ୍ଗକୁ ପ୍ରୋତ୍ସାହନ୍ କରିଥିଲେ। ଶ୍ରୀ ସିଂ କହିଥିଲେ ଯେ, ଯଦି ଆମେ ଅଗ୍ନିସୁରକ୍ଷା ବିୟରେ ସଚେତନ ହେବା ତେବେ ଅଧିକାଂଶ ଅଗ୍ନିକାଣ୍ଡ ଏବଂ କ୍ଷୟକ୍ଷତିକୁ ରୋକାଯାଇପାରିବ।

କାର୍ଯ୍ୟକାରୀ ନିର୍ଦ୍ଦେଶକପ (ଟେକନିକାଲ) ଗୋପାଳକ୍ରିଷ୍ଣନ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ଉତ୍ତମ ହାଉସିକିପିଙ୍ଗ ଏବଂ ସୁରକ୍ଷାକୁ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ରିଫାଇନାରୀ ରେ ସମ୍ଭାବ୍ୟ ଅଗ୍ନିକ୍ଷୟକ୍ଷତି ବିଷୟରେ ଅବଗତ କରାଇଥିଲେ ସିଆଇଏସଏଫ କମାଣ୍ଡାଣ୍ଟ ଏମ୍ ବିଶ୍ୱାଳ। ଏହି ସପ୍ତାହରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ଅଗ୍ନିସୁରକ୍ଷା କୁଇଜ୍, ଗୃହ ସୁରକ୍ଷା ସଚେତନତା, ଅଗ୍ନିସମକ ଅଭ୍ୟାସ, ସ୍ଲୋଗାନ ପ୍ରତିଯୋଗିତା, ସ୍କୁଲ ଛାତ୍ରଛାତ୍ରୀମାନଙ୍କ ପାଇଁ ଡ୍ରଇଂ, ରଚନା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ଏବଂ ପ୍ରତ୍ୟେକ ବିଭାଗର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା।

Printed and Published by Sitesh Kumar Rout _ owned by Manthan Printers Private Limited and Printed at M/s. Mayur Offset Printers, Plot No. D-1/1, Sector-A, ZoneD,Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9861252142, 9338223065, 8280247040 **Email : odishamanthan@gmail.com**
● **Editor : Sarat Rout**
ସଂପାଦକ : ଶରତ ରାଉତ